# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**01 May - 2024**

**News Editor : *Tapan Kumar Maharana***

***********************************

## ମୁଖ୍ୟ ସମ୍ବାଦ

- ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ ଆସନ୍ତା ୬ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ତ୍ୱରାନ୍ୱିତ
- ହ୍ରାସ ପାଇଲା ବ୍ୟବସାୟିକ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ମୂଲ୍ୟ

ଏବଂ

- ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି; କେତେକ ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଅନୁଭୂତ

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ୬ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ କାଳରେ ଶ୍ରୀ ମୋଦୀ ୨ଟି ନିର୍ବାଚନ ସଭାରେ ଯୋଗଦେବେ। ବିଜେପି ରାଜ୍ୟ ଉପସଭାପତି  ଗୋଲକ ମହାପାତ୍ର ଏ ନେଇ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ସେହିଦିନ ସକାଳ ୧୦ଟାରେ ବ୍ରହ୍ମପୁରଠାରେ ଏକ ସାଧାରଣ ସଭାରେ ଯୋଗଦେବା ପରେ ନବରଙ୍ଗପୁରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ଉଭୟ ସ୍ଥାନରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ ଯେ ଆସନ୍ତା ୧୩ ତାରିଖରେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି । ଏହି ପର୍ଯ୍ୟାୟରେ ୪ଟି ଲୋକସଭା ଏବଂ ଏହା ଅଧିନରେ ଆସୁଥିବା ୨୮ଟି ବିଧାନସଭା ଆସନ ପାଇଁ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ।

## ନିର୍ବାଚନ ସ୍ଥିତି-କଳାହାଣ୍ଡି

ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ **କଳାହାଣ୍ଡି** ଜିଲ୍ଲାରେ ଗୋଟିଏ ଲୋକସଭା ଆସନ ସହିତ ୭ଟି ବିଧାନସଭା ଆସନ ପାଇଁ ପ୍ରଚାର ଜୋର୍ ଧରିଛି। ଏହି ପ୍ରକ୍ରିୟାରେ ରାଜ୍ୟର ତିନୋଟି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର୍ ପ୍ରଚାର ଆରମ୍ଭ

ହୋଇଛି। କଳାହାଣ୍ଡି ଲୋକସଭା ଆସନରେ ମୋଟ୍ ୧୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ତେବେ କଳାହାଣ୍ଡି ଲୋକସଭା ଆସନ ଅନ୍ତର୍ଗତ ଅନ୍ୟ ବିଧାନସଭା ଆସନ ତୁଳନାରେ ନର୍ଲା ବିଧାନସଭା ଆସନରୁ ସର୍ବାଧିକ ୧୨ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି।

ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟ ସହ ରୋଡ୍ ଶୋ' ମାଧ୍ୟମରେ ଦଳର ଜନକଲ୍ୟାଣକାରୀ ଯୋଜନାକୁ ଦଳୀୟ ପ୍ରାର୍ଥୀମାନେ ଭୋଟରଙ୍କ ନିକଟରେ ପହଞ୍ଚାଇବା ସହ ତାଙ୍କ ଦଳକୁ ଭୋଟ୍ ଦେବା ପାଇଁ ନିବେଦନ କରୁଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ରାଜନୈତିକ ଉଷ୍ଣତା ମଧ୍ୟ ବୃଦ୍ଧି ପାଉଛି। **କଳାହାଣ୍ଡି** ଜିଲ୍ଲାର ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ ସମ୍ବାଦଦାତା **ସୁନୀଲ କୁମାର ପାଢ଼ି**ଙ୍କ ରିପୋର୍ଟ...

**- V/O –**

## ନାମାଙ୍କନପତ୍ର ଦାଖଲ

କନ୍ଧମାଳ, ଜି. ଉଦୟଗିରି ନିର୍ବାଚନ ମଣ୍ଡଳୀ ପାଇଁ ଆଜି ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶ୍ରୀ ପ୍ରଧାନ ୨୦୧୯ ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡିରୁ ବିଧାୟକ ଥିଲେ। କନ୍ଧମାଳ ଲୋକସଭା ଆସନ ପାଇଁ କଂଗ୍ରେସ ପକ୍ଷରୁ ଅମିର ଚାନ୍ଦ ନାୟକ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିଭଳି ଫୁଲବାଣୀ ବିଧାନସଭା ଆସନ ପାଇଁ ଦଳ ପକ୍ଷରୁ ପ୍ରତିଭା କହଁର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ସେହିପରି ତାଳଚେର ନିର୍ବାଚନ ମଣ୍ଡଳୀରୁ ବିଜେଡି ବିଧାୟକ ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନ ଦଳୀୟ ସମର୍ଥକଙ୍କ ସହ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

ଅନ୍ୟପକ୍ଷରେ, ସେହିପରି କୁଚିଣ୍ଡା ବିଧାନସଭା ପାଇଁ ଆଜି ବିଜେପି ବିଧାୟକ ପ୍ରାର୍ଥୀ ରବିନାରାୟଣ ନାଏକ ସମର୍ଥକଙ୍କ ସହ ନିରାଡ଼ମ୍ବର ଭାବରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିଛନ୍ତି ।

ଆମ ଆଦମୀ ପାର୍ଟି ପକ୍ଷରୁ ଆଜି ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସୀତାକାନ୍ତ ରୋହିଦାସ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେ ତାଙ୍କର ସମର୍ଥକମାନଙ୍କ ସହ ଏକ ରାଲିରେ ଅତିରିକ୍ତ ଜ଼ିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ।

ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବିଧାନସଭା ଆସନ ପାଇଁ ଆଜି ଉଭୟ ବିଜେପି ଓ ବିଜେଡି ଦଳର ଦଳୀୟ ପ୍ରାର୍ଥୀ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବିଜେପି ବିଧାୟକ ପ୍ରାର୍ଥୀ ପ୍ରମୋଦ ମହାପାତ୍ର ବଲାଙ୍ଗିର ସାଂସଦ ପ୍ରାର୍ଥୀ ସଂଗୀତା କୁମାରୀ ସିଂହଦେଓଙ୍କ ସହ ଦଳୀୟ କର୍ମକର୍ତ୍ତାଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଯାଇ ଉପ ଜିଲ୍ଲାପାଳଙ୍କ ଠାରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ବିଜେଡି ପ୍ରାର୍ଥୀ ନିରଞ୍ଜନ ପୂଝାରୀ ମଧ୍ୟ ଏକ ନିର୍ବାଚନ ଶୋଭାଯାତ୍ରାରେ ସହର ପରିକ୍ରମା କରି ରିଟର୍ଣ୍ଣିଂ ଅଧିକାରୀଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

ସୂଚନାଯୋଗ୍ୟ, ପୂର୍ବରୁ ଏହି ବିଧାନସଭା ଆସନ ପାଇଁ ବିଏସପି ପ୍ରାର୍ଥୀ ମନ୍ଦଦରୀ ଛତ୍ରିଆ ଓ ଆମ୍ବେଦକ୍ରାଇଟ ପାର୍ଟିର ସୁରଜ କୁଶଳ ପ୍ରାର୍ଥୀପତ୍ର ଦାଖଲ କରିସାରିଛନ୍ତି ।

## ନିର୍ବାଚନ ଆଚରଣ ବିଧି

ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ନିର୍ବାଚନ ଅଧିକାରୀ ୨ ଜଣ କମ୍ୟୁନିଟି ରିସୋର୍ସ ପରସନ୍‌କୁ କାର୍ଯ୍ୟରୁ ଅନ୍ତର ଆଦେଶ ଦେଇଛନ୍ତି। ସେମାନଙ୍କ ବିରୁଦ୍ଧରେ ମିଳିଥିବା ଅଭିଯୋଗର ତଦନ୍ତ ରିପୋର୍ଟ ଆଧାରରେ ଏହି ପଦକ୍ଷେପ ଗ୍ରହଣ କରାଯାଉଥିବା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏହି ଆଦେଶକୁ ତତ୍‌କ୍ଷଣାତ୍ ଲାଗୁ କରାଯାଇଛି।

## ଗ୍ୟାସ୍ ସିଲିଣ୍ଡର ମୂଲ୍ୟ

ବ୍ୟବସାୟିକ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ୧୯ ଟଙ୍କା ହ୍ରାସ ପାଇଛି। ତୈଳ ଯୋଗାଣ କମ୍ପାନୀଗୁଡ଼ିକ ଦ୍ୱାରା ଏହି ପରିବର୍ତ୍ତିତ ଦର ତୁରନ୍ତ ଲାଗୁ କରାଯାଇଛି। ମୂଲ୍ୟ ସଂଶୋଧନ ପରେ ୧୯ କିଲୋଗ୍ରାମ ବିଶିଷ୍ଟ ସିଲିଣ୍ଡରର ମୂଲ୍ୟ ଦିଲ୍ଲୀରେ ୧ ହଜାର ୭୪୫ ଟଙ୍କା ୫୦ ପଇସା, କୋଲକାତାରେ ୧ ହଜାର ୮ଶହ ଅଣଷଠୀ, ମୁମ୍ବାଇରେ ୧ ହଜାର ୬୯୮ ଟଙ୍କା ୫୦ ପଇସା ଏବଂ ଚେନ୍ନାଇରେ ୧ ହଜାର ୯୧୧ ଟଙ୍କା ରହିଛି। ତେବେ ଘରୋଇ ଏଲ୍‌ପିଜି ଦରରେ କୌଣସି ପରିବର୍ତ୍ତନ ଘଟିନାହିଁ।

# ଅନ୍ତର୍ଜାତୀୟ ଶ୍ରମିକ ଦିବସ

ଦେଶ ଗଠନରେ ଶ୍ରମିକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସମ୍ମାନ ଜଣାଇ ଆଜି ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯାଉଛି। ଏହାକୁ ମଇ ଦିବସ ମଧ୍ୟ କୁହାଯାଏ। ସମଗ୍ର ବିଶ୍ୱରେ ଅର୍ଥନୈତିକ ଏବଂ ସାମାଜିକ ଅଧିକାର ହାସଲ କରିବା ଦିଗରେ ଶ୍ରମିକଙ୍କ ବଳିଦାନକୁ ମନେ ପକାଇବା ଏହି ଦିବସର ଉଦ୍ଦେଶ୍ୟ। ଆଜିର ଦିନରେ ବିଶ୍ୱର କୋଣ-ଅନୁକୋଣରେ ଶ୍ରମିକମାନଙ୍କ କାର୍ଯ୍ୟଦକ୍ଷତାକୁ ସମ୍ମାନ ଜଣାଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଭାରତରେ ଶ୍ରମିକ ଦିବସ ୧୯୨୩ ମସିହାରୁ ପାଳନ କରାଯାଉଛି । ମଇ ଦିବସ ଅବସରରେ ଶ୍ରମିକମାନଙ୍କ ସହିତ ଯୋଡ଼ି ହୋଇଥିବା ସଂସ୍ଥା, କଳକାରଖାନା ଗୁଡ଼ିକର ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବାର ଖବର ଆମର ହସ୍ତଗତ ହୋଇଛି। ମାଲକାନଗିରି ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲା ନିର୍ମାଣ ଶ୍ରମିକ ସଂଘ ଏବଂ ବେସରକାରୀ ଘରୋଇ ବସ୍ କର୍ମଚାରୀ ସଂଘ ମିଳିତ ଶ୍ରମିକ ମଂଚ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବସ୍‌ଷ୍ଟାଣ୍ଡଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ମଂଚର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୧୧ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲ।

**ବୌଦ୍ଧ** ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଶୋଭାଯାତ୍ରା ଏବଂ ଆଲୋଚନାଚକ୍ର ଆଦିର ଆୟୋଜନ କରାଯାଇଥିଲା ।

## କ୍ଷେପଣାସ୍ତ୍ର

ଭଦ୍ରକ ଧାମରାସ୍ଥିତ ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଆଜି ସୁପରସୋନିକ୍ ମିସାଇଲ୍ ଆସିଷ୍ଟେଡ୍ ରିଲିଜ୍ ଅଫ୍ ଟର୍ପେଡୋ-ସ୍ମାର୍ଟ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି । ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ- ଡିଆରଡିଓ ଦ୍ୱାରା ବିକଶିତ ଏହି କ୍ଷେପଣାସ୍ତ୍ର ବୁଡାଜାହାଜ ନିରୋଧି ଯୁଦ୍ଧ କ୍ଷମତା ବୃଦ୍ଧି କରିବା ପାଇଁ ପ୍ରସ୍ତୁତ କରାଯାଇଛି । ସୂଚନା ଅନୁଯାୟୀ, ଏହି କ୍ଷେପଣାସ୍ତ୍ରରେ ପାରାସୁଟ୍ ସମେତ ଅତ୍ୟାଧୁନିକ ଦିଗନିର୍ଣ୍ଣୟକାରୀ ବ୍ୟବସ୍ଥା ରହିଛି । ଆଜି ସକାଳ ୮ଟା ୩୦ ମିନିଟ୍ ସମୟରେ ଏହି କ୍ଷେପଣାସ୍ତ୍ରକୁ ଗ୍ରାଉଣ୍ଡ ମୋବାଇଲ ଲଞ୍ଚରରୁ ଉତ୍କ୍ଷେପଣ କରାଯାଇଥିଲା । ପରୀକ୍ଷଣ ସମୟରେ ଏହାର ପ୍ରତ୍ୟେକ ବିଷୟକୁ ଯାଂଚ କରାଯାଇଥିବା ଜଣାପଡିଛି । ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ଏବଂ ସହଯୋଗୀ ସଂସ୍ଥାଗୁଡ଼ିକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଏହି କ୍ଷେପଣାସ୍ତ୍ର ଭାରତୀୟ ନୌସେନାର ଶକ୍ତି ବୃଦ୍ଧି କରିବାରେ ସହାୟକ ହେବ ।

## ଡାକ୍ତରଖାନା ପରିଦର୍ଶନ

ରାଷ୍ଟ୍ରୀୟ ସ୍ୱାସ୍ଥ୍ୟମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ଗୁଣବତ୍ତା ନିଶ୍ଚିତକରଣ ୟୁନିଟ୍‌ର ପ୍ରତିନିଧି ଦଳ ଆଜି ଅନୁଗୁଳ ଡାକ୍ତରଖାନା ପରିଦର୍ଶନ କରିଛନ୍ତି । ରାଷ୍ଟ୍ରୀୟ

ସ୍ୱାସ୍ଥ୍ୟମିଶନ ମୁଖ୍ୟ ଡାକ୍ତର ଅମିତାଭ ଶାହାଙ୍କ ନେତୃତ୍ୱରେ ଆସିଥିବା ଦଳ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଏହାର ଭିତ୍ତିଭୂମି, ଚିକିତ୍ସା ସେବା, ରୋଗୀ ସେବା ଓ ଔଷଧ ବଣ୍ଟନ ବ୍ୟବସ୍ଥା ତଦାରଖ କରିଥିଲେ। ପରିଦର୍ଶନ ସମୟରେ ଅନୁଗୁଳ ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିମାନ ଅବତରଣ

କଟକ ଓ ଭୁବନେଶ୍ୱର ସମେତ ଆଖପାଖର ଅଂଚଳରେ ଆଜି ଅପରାହ୍ଣରେ କାଳବୈଶାଖୀ ଜନିତ ବର୍ଷା ହୋଇଛି। କେତେକ ସ୍ଥାନରେ ପବନ ସହ କୁଆପଥର ବୃଷ୍ଟି ହୋଇଛି। କେତେକ ଯାଗାରେ ଗଛ ଉପୁଡି ସଡକ ଯୋଗାଯୋଗ ବ୍ୟାହତ ହୋଇଥିଲା। କୁଆପଥର ବୃଷ୍ଟି ଯୋଗୁଁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ଭୁବନେଶ୍ୱରରୁ ଦିଲ୍ଲୀ ଯାଉଥିବା ଏକ ବିମାନ ଜରୁରୀ ଅବତରଣ କରିଛି। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିବା ଏହି ବିମାନଟିର କୁଆପଥର ବୃଷ୍ଟି ଯୋଗୁଁ ଉଇଣ୍ଡସିଲ୍ ଭାଙ୍ଗିଯାଇଥିଲା। ଉଡାଣର ୧୦ ମିନିଟ୍ ମଧ୍ୟରେ ବିମାନଟିକୁ ଜରୁରୀ ଅବତରଣ କରାଯାଇଥିଲା। ତେବେ ଯାତ୍ରୀଙ୍କୁ ସୁରକ୍ଷିତ ଦିଲ୍ଲୀ ନବାପାଇଁ ଅନ୍ୟ ଦୁଇଟି ବିମାନର ବ୍ୟବସ୍ଥା କରାଯାଇଥିଲା।

## ପାଣିପାଗ

ସମଗ୍ର ରାଜ୍ୟରେ ଆଜି ମଧ୍ୟ ପ୍ରବଳ ଗରମ ଅନୁଭୂତ ହୋଇଥିଲା। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରରୁ ମିଳିଥିବା ସୂଚନା

ଅନୁଯାୟୀ, ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ଲକ୍ଷ୍ୟ ହୋଇଥିଲେ ମଧ୍ୟ ଅପରାହ୍ଣ ଅଢ଼େଇଟା ସୁଦ୍ଧା ସର୍ବୋଚ୍ଚ ଦିନ ତାପମାତ୍ରା ୪୩ ଦଶମିକ ୪ ଡିଗ୍ରୀ ସେଲସିୟସ୍ ସମ୍ବଲପୁରଠାରେ ରେକର୍ଡ କରାଯାଇଛି। ଅନ୍ୟ ସହରଗୁଡ଼ିକ ମଧ୍ୟରେ ହୀରାକୁଦ, ଝାରସୁଗୁଡ଼ା, ଚାନ୍ଦବାଲି ଏବଂ ରାଉରକେଲାର ତାପମାତ୍ରା ୪୨ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ କରାଯାଇଛି।

**********************************